ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/MSME(Od)/1255/15-11-2023**

# ଓଡ଼ିଶା ଓ ଭିଏତ୍‌ନାମର ଭିନ୍ ଲଙ୍ଗ୍ ରାଜ୍ୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୫/୧୧/୨୦୨୩:

ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସହ ଭିଏତ୍‌ନାମ୍‌ର ଭିନ୍ ଲଙ୍ଗ ରାଜ୍ୟ ମଧ୍ୟରେ ବ୍ୟବସାୟଭିତ୍ତିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଇଡ୍‌କୋ ସମ୍ମିଳନୀ କକ୍ଷରେ ଉଭୟ ରାଜ୍ୟର ଏମ୍ଏସ୍ଏମ୍ଇ/ଶିଳ୍ପ ବିଭାଗର କର୍ତ୍ତୃପକ୍ଷ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ ବୃହତ୍ତମ ନିବେଶର ମାନ୍ୟତା ପାଇସାରିଛି । ସୁଦୃଢ଼ ପଲିଟି, ଉତ୍ତମ ପଲିସି, ଡେମୋଗ୍ରାଫି, ଜିଓଗ୍ରାଫି ଏବଂ ଅର୍ଥନୀତି ଦ୍ୱାରା ଓଡ଼ିଶା ଏପରି ମାନ୍ୟତା ପାଇଛି । କୃଷି, ପର୍ଯ୍ୟଟନ, ଶିଳ୍ପ, ଏମ୍ଏସ୍ଏମ୍ଇ, ଧାତୁ ଓ ଧାତବ ଆଦି ୬ ଗୋଟି ସେକ୍ଟର ଉପରେ ଗୁରୁତ୍ୱ ଦିଆଯାଉଛି । ଏମ୍ଏସ୍ଏମ୍ଇର ଉଦ୍ୟୋଗ ଓ ଉଦ୍ୟୋଗୀମାନଙ୍କ ପାଇଁ ସୁସ୍ଥ ଓ ଅନୁକୂଳଧର୍ମୀ ପଲିସି ଓ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯାଇଛି । ଏବେ ଏମ୍ଏସ୍ଏମ୍ଇ ଅଧୀନରେ କେମିକାଲସ୍, ଫାର୍ମାସ୍ୟୁଟିକାଲ, ପ୍ଲାଷ୍ଟିକ, ସି-ଫୁଡ୍ ଆଦି ବିଭାଗକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ଭିନ୍ ଲଙ୍ଗ୍ ରାଜ୍ୟକୁ ରପ୍ତାନୀ ପାଇଁ ଓଡ଼ିଶା ସର୍ବଦା ପ୍ରସ୍ତୁତ ଅଛି । ଓଡ଼ିଶାର ରପ୍ତାନୀ ନୀତି ମଧ୍ୟ ଦେଶୀୟ ରାଜ୍ୟସମୂହ ଓ ବିଦେଶକୁ ଖୁବ୍ ସୁହାଇଲା ଭଳି ପ୍ରସ୍ତୁତ ହୋଇଛି ।

ଭୁବନେଶ୍ୱରସ୍ଥ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଶାଖାର ପ୍ରତିନିଧି ଶ୍ରୀ ରାଜେନ୍ ପାଢ଼ୀ କହିଥିଲେ ଯେ ଭିଏତ୍‌ନାମ୍ ସହ ଓଡ଼ିଶାର ସଂପର୍କ ବହୁତ ପୁରୁଣା । ପୂର୍ବରୁ ଓଡ଼ିଶାରୁ ଭିଏତ୍‌ନାମ୍‌କୁ ଲୁହା, ଇସ୍ପାତ ଓ ଧାତବ ପଦାର୍ଥ ରପ୍ତାନୀ ହେଉଥିଲା । ଏବେ ସେଠାରେ ଆମର ଖାଦ୍ୟ ଓ ସାମୁଦ୍ରିକ ଖାଦ୍ୟର ଚାହିଦା ବଢ଼ିଛି ।

ଅନ୍ୟମାନଙ୍କ ମଧ୍ୟରେ ଇଡ୍‌କୋ, ଇପିକଲ୍ ଏବଂ ବାଣିଜ୍ୟ ଓ ରପ୍ତାନୀ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଭିନ୍ ଲଙ୍ଗ୍‌ର ପ୍ରତିନିଧିମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିଥିଲେ ।

ଓଡ଼ିଶା ଏମ୍ଏସ୍ଏମ୍ଇ ବିଭାଗ ନିଜର ରପ୍ତାନୀ ନୀତି, ଉତ୍ପାଦ ଓ ସମ୍ପୂର୍ଣ୍ଣ ବିଭାଗ ଉପରେ ଏକ ଭିଡ଼ିଓ ଉପସ୍ଥାପନା କରିଥିଲେ । ସେମାନେ ମଧ୍ୟ ସେମାନଙ୍କର ଏକ ଭିଡ଼ିଓ ଉପସ୍ଥାପନ କରିଥିଲେ ।

ପୁଷ୍ପାଞ୍ଜଳି ପାଇକରାୟ
ସୂଚନା ଅଧିକାରୀ